ହିମାଚଳ ପ୍ରଦେଶ ରାଜ୍ୟ,

ହିମାଚଳ ପ୍ରଦେଶ, ସିମଲା ସରକାରଙ୍କ

କୃଷି ସଚିବ ମାଧ୍ୟମରେ

ବନାମ

ନୋଧା ରାମ ଏବଂ ଅନ୍ୟମାନେ

ଜାନୁଆରୀ 3, 1996

[କେ. ରାମସ୍ୱାମୀ ଏବଂ ଜି. ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତି]

ଭାରତର ସମ୍ବିଧାନ, 1950:

*ଅନୁଚ୍ଛେଦ 226, 136- ହାଜିରୀ ନାମାବଳୀ ଉପରେ ଦୈନିକ ମଜୁରୀ- କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ପାଣ୍ଠିରୁ ପ୍ରଦତ୍ତ- ପାଣ୍ଠିର ଅନୁପଲବ୍ଧତା ହେତୁ ପ୍ରକଳ୍ପ ସମାପ୍ତ ଏବଂ ବନ୍ଦ- ସେବା ପରିହାର- ରିଟ୍ ଆବେଦନ- ଉଚ୍ଚ ନ୍ୟାୟାଳୟ କର୍ମଚାରୀଙ୍କ ପୁନଃ ନିଯୁକ୍ତିକୁ ନିର୍ଦ୍ଦେଶ ଦେଇଛନ୍ତି- ଆବେଦନ ଉପରେ: ଅସ୍ଥାୟୀ ନିଯୁକ୍ତି ଉପରେ କୌଣସି ନିହିତ ଅଧିକାର ସୃଷ୍ଟି ହୁଏ ନାହିଁ- ରିକ୍ତ ସ୍ଥାନର ଅନୁପଲବ୍ଧତା- ନ୍ୟାୟାଳୟକୁ ବାସ୍ତବ ଦୃଷ୍ଟିକୋଣ ଥିବା ଆଭିମୁଖ୍ୟ ଗ୍ରହଣ କରିବାକୁ ହେବ-ପଦବୀଗୁଡ଼ିକର ନିୟମିତକରଣ/ସୃଷ୍ଟି ନିର୍ଦ୍ଦେଶ ଦିଆଯାଇପାରିବ ନାହିଁ- ସେବା ଆଇନ- ନିୟମିତକରଣ ।*

ଦେୱାନୀ ଆବେଦନ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 1539/1996

ସି.ଡବ୍ଲ୍ୟୁ.ପି. ସଂଖ୍ୟା 860/1992 ରେ ହିମାଚଳ ପ୍ରଦେଶ ଉଚ୍ଚ ନ୍ୟାୟାଳୟର ତା 18.11.92 ରିଖର ରାୟ ତଥା ଆଦେଶରୁ

ଆବେଦନକାରୀଙ୍କ ପକ୍ଷରୁ ନରେଶ କେ. ଶର୍ମା ।

ପ୍ରତିବାଦୀମାନଙ୍କ  ପକ୍ଷରୁ ଉମା ଦତ୍ତ ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଅନୁମତି ମଞ୍ଜୁର କରାଗଲା ।

ଉଭୟ ପକ୍ଷଙ୍କ ଓକିଲମାନଙ୍କୁ ଶୁଣିଲୁ ।

ବାସ୍ତବତା ଏହିକି ଯେ ପ୍ରତିବାଦୀମାନେ କେନ୍ଦ୍ରୀୟ ଯୋଜନାରେ ହାଜିରୀ ନାମାବଳୀ ଆଧାରରେ ଦୈନିକ ମଜୁରୀରେ ନିୟୋଜିତ ଥିଲେ ଏବଂ କେନ୍ଦ୍ର ସରକାର ଦ୍ୱାରା ପ୍ରଦାନ କରାଯାଇଥିବା ପାଣ୍ଠିରୁ ସେମାନଙ୍କୁ ଦେୟ ପ୍ରଦାନ କରାଯାଉଥିଲା । ଏହା କୁହାଯାଇଛି ଯେ ଏହି ଯୋଜନା ବନ୍ଦ ହେବା ପରେ ସେମାନଙ୍କ ସେବା ପରିହାର କରାଯାଇଥିଲା । ଯେତେବେଳେ ପ୍ରତିବାଦୀମାନେ ଉଚ୍ଚ ନ୍ୟାୟାଳୟରେ ରିଟ୍ ଆବେଦନ ଦାଖଲ କରିଥିଲେ, ଉଚ୍ଚ ନ୍ୟାୟାଳୟ 18 ନଭେମ୍ବର, 1992 ରେ ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶ ଦେଇଥିଲେ ଏବଂ ସେମାନଙ୍କୁ ଅନ୍ୟତ୍ର ପୁନର୍ବାର ନିୟୋଜିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଉପରୋକ୍ତ ଅନ୍ତରୀଣ ନିର୍ଦ୍ଦେଶ  ବିରୁଦ୍ଧରେ, ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଆବେଦନ ଦାୟର କରାଯାଇଛି ।

ଏହା ଦେଖିବାକୁ ମିଳେ ଯେ ଯେତେବେଳେ ପାଣ୍ଠି ଅଭାବରୁ ପ୍ରକଳ୍ପ ସମାପ୍ତ ଏବଂ ବନ୍ଦ ହୋଇଯାଏ, ଏହାର ବନ୍ଦ ହେବା ସହିତ କର୍ମଚାରୀମାନଙ୍କୁ ଯିବାକୁ ପଡ଼ିଥାଏ । ସେମାନଙ୍କୁ ନିୟମିତ କରିବା କିମ୍ବା ଅନ୍ୟ ସ୍ଥାନରେ ଜାରି ରଖିବା ପାଇଁ ନିର୍ଦ୍ଦେଶ ଦେବାରେ ଉଚ୍ଚ ନ୍ୟାୟାଳୟ ଠିକ୍ ନଥିଲେ । ଅସ୍ଥାୟୀ ନିଯୁକ୍ତି କ୍ଷେତ୍ରରେ କୌଣସି ନିହିତ ଅଧିକାର ସୃଷ୍ଟି ହୁଏ ନାହିଁ । କୌଣସି ବିଦ୍ୟମାନ ପଦବୀ ଅନୁପସ୍ଥିତିରେ ସେମାନଙ୍କର ସେବାକୁ ନିୟମିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇପାରିବ ନାହିଁ କିମ୍ବା ଏକ ଅଣ-ବିଦ୍ୟମାନ ପ୍ରତିଷ୍ଠାନରେ ପଦବୀ ସୃଷ୍ଟି କରିବାକୁ ରାଜ୍ୟକୁ ନିର୍ଦ୍ଦେଶ ଦିଆଯାଇପାରିବ ନାହିଁ । ନିର୍ଦ୍ଦେଶ ଦେବାରେ ନ୍ୟାୟାଳୟ ବାସ୍ତବ ଦୃଷ୍ଟିକୋଣ ଥିବା ଆଭିମୁଖ୍ୟ ଗ୍ରହଣ କରିବେ । ନିର୍ଦ୍ଦେଶଗୁଡ଼ିକ ପଦବୀ ସୃଷ୍ଟି କରିବା ଏବଂ କାମ ଉପଲବ୍ଧ ନଥିବା ସତ୍ତ୍ୱେ ସେଗୁଡ଼ିକୁ ଜାରି ରଖିବା ସହିତ ସମାନ ହେବ । ଆମ୍ଭର ବିବେଚନାପୂର୍ଣ୍ଣ ମତ ଏହିକି ଯେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ସମ୍ପୂର୍ଣ୍ଣ ବେଆଇନ ଯାହା ଆମ୍ଭର ହସ୍ତକ୍ଷେପକୁ ଆବଶ୍ୟକ କରେ । ତେଣୁକରି, ଉଚ୍ଚ ନ୍ୟାୟାଳୟଙ୍କର ଆଦେଶକୁ ରଦ୍ଦ କରାଯାଉଛି ।

ତଦନୁସାରେ ଆବେଦନକୁ ଅନୁମତି ଦିଆଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଜି. ଏନ.

ଆବେଦନକୁ ଅନୁମତି ଦିଆଯାଇଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଂଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା : ଶ୍ରୀମତୀ ଜୟା ମୁଖାର୍ଜୀ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**